# ତହସିଲ କାର୍ଯ୍ୟାଳୟ, କଣ୍ଟାବାଞ୍ଜି

Alienation Case No. 9/2024

## ଘୋଷଣାନାମା

ସଂଖ୍ୟା 1374 /ତା. 27.3.2025

ଏତଦ୍‌ଦ୍ୱାରା ମୌଜା କଣ୍ଟାବାଞ୍ଜି (ଖ), ଥାନା- କଣ୍ଟାବାଞ୍ଜି ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, COMMERCE & TRANSPORT DEPARTMENT ଓଡିଶା ସରକାର ଙ୍କ ତରଫରୁ ଗୋଟିଏ **ବ୍ଲକ ସ୍ତରୀୟ ବସ ଷ୍ଟାଣ୍ଡ** ନିର୍ମାଣ ସକାଶେ ନିମ୍ନ ବର୍ଣ୍ଣିତ ଜମିକୁ ବନ୍ଦୋବସ୍ତ କରିବା ସକାଶେ ସ୍ଥିର କରାଯାଇଅଛି । ଉକ୍ତ ବିଷୟରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ ତେବେ ଏହି ଘୋଷଣାନାମା ଜାରି ହେବାର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ଏକ ଲିଖିତ ଅଭିଯୋଗ ଦାଖଲ କରିପାରିବେ । ନିର୍ଦ୍ଧାରିତ ସମୟସୀମା ପରେ କୌଣସି ପ୍ରକାରର ଅଭିଯୋଗ କୁ ଗ୍ରହଣ କରାଯିବ ନାହିଁ ।

## ତଫସିଲ

ମୌଜା: କଣ୍ଟାବାଞ୍ଜି (ଖ) ଥାନା : କଣ୍ଟାବାଞ୍ଜି ଥାନା ନମ୍ବର: ୫

| ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ରକବା | ଚିହ୍ନ | ମାର୍କ ରକବା |
|---|---|---|---|---|---|
| ୨୪୨ (ଅନାବାଦୀ) | ୧/୭୦୩୦ | ପତିତ | ଏ ୨.୦୦ ଡି | "ପୁରା" | ଏ ୨.୦୦ ଡି |
| | | | | | ମୋଟ ଏ ୨.୦୦ ଡି |

ତହସିଲଦାର, କଣ୍ଟାବାଞ୍ଜି
KANATABANJI

ଜ୍ଞାପକ ସଂଖ୍ୟା 1375 /ତା. 27.3.2025

୧. ଉପରୋକ୍ତ ଘୋଷଣାର ଏକକିତା ନକଲ ଜିଲ୍ଲା ୱେବ ସାଇଟ ରେ ପ୍ରକାଶନ ପାଇଁ DISTRICT INFORMATION OFFICER, NIC, BALANGIR କୁ ପ୍ରେରଣ କରାଗଲା ।

୨. ଏହାର ଏକକିତା କାର୍ଯ୍ୟନିର୍ବାହୀ ଅଧିକାରୀ ଏନ.ଏ.ସି., କଣ୍ଟାବାଞ୍ଜି ଙ୍କ ଅବଗତି ଓ ବିହିତ କାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ।

୩. ଏହାର ୩ (ତିନି) କିତା ରାଜସ୍ୱ ନିରୀକ୍ଷକ, କଣ୍ଟାବାଞ୍ଜି ଙ୍କ ଅବଗତି ଓ ବିହିତ କାର୍ଯ୍ୟସକାଶେ ପ୍ରେରଣ କରାଗଲା ଓ ଆଦେଶ କରାଗଲା ଯେ ଏହାର ଏକକିତା ସମ୍ପୃକ୍ତ ଗ୍ରାମର ସର୍ବସାଧାରଣଙ୍କ ଅବଗତି ସକାଶେ ଗ୍ରାମର ମଧ୍ୟସ୍ଥଳରେ ଛାଟିବେ । ପୁନଶ୍ଚ ତାଙ୍କୁ ଆଦେଶ କରାଗଲା ଯେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଡାକବାଜୀ ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରିବେ। ଅନ୍ୟ ଏକ କିତାରେ ସମ୍ପୃକ୍ତ ଗ୍ରାମବାସୀଙ୍କ ପ୍ରତି ସ୍ୱାକ୍ଷର ଆଣି ଅତ୍ର କାର୍ଯ୍ୟାଳୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଫେରସ୍ତ କରିବେ ।

୪. ଏହାର ଏକକିତା କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ତହସିଲଦାର, କଣ୍ଟାବାଞ୍ଜି
TAHASILDAR
KANATABANJI